# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16th March – 2025

### News Editor : Tapan Kumar Moharana

*******************************

## ମୁଖ୍ୟ ସମ୍ବାଦ

- ଭାରତର କାଳଜୟୀ ସଂସ୍କୃତି, ଐତିହ୍ୟ ସହିତ ସମସ୍ତ ଭାରତୀୟଙ୍କ ଶକ୍ତି ସହ ପ୍ରଧାନମନ୍ତ୍ରୀ ଜଡିତ ବୋଲି ସ୍ୱତନ୍ତ୍ର ସାକ୍ଷାତକାରରେ କହିଲେ ଶ୍ରୀ ମୋଦୀ

- ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତା ଶୁକ୍ରବାର ଦିନ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ

- ସାରସ୍ୱତ ସାଧକ ରମାକାନ୍ତ ରଥଙ୍କର ଆସନ୍ତାକାଲି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ ସମ୍ପନ୍ନ

ଏବଂ

- ସାର୍ବଜନୀନ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି ଆଜି ପାଳନ କରାଯାଉଛି ଜାତୀୟ ଟିକାକରଣ ଦିବସ

## ପିଏମ୍-ପଡ୍‌କାଷ୍ଟ

ବିଶ୍ୱରେ ଜଣାଶୁଣା କୃତ୍ରିମ ବୁଦ୍ଧିମତ୍ତା - ଏ.ଆଇ.ର ଗବେଷକ ଲେକ୍ସ ଫିଡ୍‌ମ୍ୟାନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ପୋଡ୍‌କାଷ୍ଟରେ ଆଜି ପ୍ରାୟ ୩ ଘଣ୍ଟାଧରି ସ୍ୱତନ୍ତ୍ର ସାକ୍ଷାତ-ଆଲୋଚନା କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଶକ୍ତି ୧୪୦ କୋଟି ଭାରତୀୟଙ୍କ ସହ ଜଡିତ। ଭାରତର କାଳଜୟୀ ସଂସ୍କୃତି ଓ ଐତିହ୍ୟ ସହିତ ସେ ଜଡିତ। ଫିଡ୍‌ମ୍ୟାନଙ୍କ ଏକ ପ୍ରଶ୍ନରେ ମୋଦୀ କହିଛନ୍ତି, ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ସହିତ ପ୍ରତ୍ୟେକ ଆହ୍ୱାନକୁ ସମ୍ମୁଖୀନ ହେବାପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ଅସୁବିଧା ସମୟରେ ଧେର୍ଯ୍ୟର ପରୀକ୍ଷା ହୋଇଥାଏ ଏବଂ ଧୈର୍ଯ୍ୟ ତାଙ୍କୁ ଶକ୍ତିଶାଳୀ କରିବା ପାଇଁ ସାହାଯ୍ୟ କରିଥାଏ। ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟେକ ଆହ୍ୱାନକୁ ସେ ଏକ ସୁଯୋଗ ଭାବରେ ଦେଖିଥାନ୍ତି। ଯୁବକମାନଙ୍କୁ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସ ସହ ଦାୟିତ୍ୱକୁ ନିର୍ବାହ କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**-V/O-**

ସଫଳତାର କୌଣସି ନିଶ୍ଚିତତା ନଥିଲେ ମଧ୍ୟ ଆତ୍ମବିଶ୍ୱାସ ମଣିଷକୁ ପରିପୂର୍ଣ୍ଣତା ପାଇବାରେ ସୁଯୋଗ ଦେଇଥାଏ।

## ଅମିତ୍ ଶାହା ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ ଝାରସୁଗୁଡ଼ାଠାରେ ପହଞ୍ଚିବେ।  ୨୨ ତାରିଖ ସକାଳେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କ ଦର୍ଶନ ପରେ ଶ୍ରୀ ଶାହା ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ଏହାସହିତ ଶ୍ରୀ ଶାହା ସମ୍ବଲପୁରରେ ଏକ ସାଧାରଣ ସଭାରେ ଯୋଗଦେବେ। ୨୩ ତାରିଖ ଦିନ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ଜଟଣୀଠାରେ ଦେଶର ଦ୍ୱିତୀୟ ଫୋରେନ୍‌ସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଶାହାଙ୍କ ଗସ୍ତକୁ ନେଇ ଆଜି ସମ୍ବଲପୁରରେ ଦଳୀୟ ପଦାଧିକାରୀଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।  ଏ ସମ୍ପର୍କରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି....

**-V/O-**

**ରାସନକାର୍ଡ**

ରାଜ୍ୟରେ ଯୋଗ୍ୟ ରାସନକାର୍ଡ ହିତାଧିକାରୀମାନଙ୍କ କ୍ଷେତ୍ରୀୟ  ଯାଞ୍ଚ କରାଯିବା ପରେ ହିତାଧିକାରୀଙ୍କର ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ବର୍ତ୍ତମାନସୁଦ୍ଧା ୩୦ ଲକ୍ଷ ୭୩୪ ଲୋକ ଇ-କେଓ୍ୱାଇସି କରିନଥିବାବେଳେ ୬ ଲକ୍ଷ ୩୫ ହଜାର ଲୋକ ପୋର୍ଟାଲ ଜରିଆରେ ଆବେଦନ କରିଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲିଥିବାବେଳେ ଏପ୍ରିଲ ମାସ ୧୫ ତାରିଖ ସୁଦ୍ଧା

ଏହା ଶେଷ ହେବ। ନୂଆ ପୋର୍ଟାଲ୍‌ରେ ଏବେ ସୁଦ୍ଧା ୫୦ ହଜାର ହିତାଧିକାରୀ ନୂତନ ରାସନକାର୍ଡ ପାଇଁ ଆବେଦନ କରିଛନ୍ତି। ଆବେଦନ ପ୍ରକ୍ରିୟା ଶେଷ ପରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ମାଛ ମାର୍କେଟ ପ୍ରତିଷ୍ଠା

ଭୁବନେଶ୍ୱର-ଉତ୍ତର'ର ପାଣ୍ଡରା ଅଞ୍ଚଳରେ ଆଧୁନିକ ମାଛ ମାର୍କେଟ ପ୍ରତିଷ୍ଠା କରାଯିବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି। ୫ ଏକର ୮୦ ଡିସ୍‌ମିଲ ଯାଗାରେ ହେବାକୁ ଥିବା ମାଛ ମାର୍କେଟ୍ ପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସ୍ୱତନ୍ତ୍ର ମାଛ ବଜାର କାର୍ଯ୍ୟକାରୀ ହେଲେ ମତ୍ସ୍ୟ ବ୍ୟବସାୟୀମାନେ ଲାଭବାନ୍ ହେବେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ସହମତି ପରେ ଏହି ପ୍ରକଳ୍ପକୁ କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଛି।

## ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ

ଭୁବନେଶ୍ୱରରେ ଜାତୀୟସ୍ତରରେ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ସହମତି ପ୍ରଦାନ କରିଛନ୍ତି। ଓଡ଼ିଶା ଏହାର ସମୃଦ୍ଧ କଳା, ଅଦ୍ୱିତୀୟ ଭାସ୍କର୍ଯ୍ୟ ଓ ପ୍ରାଚୀନ ଐତିହାସିକ ସ୍ଥଳକୁ ନେଇ ବେଶ୍ ଋଦ୍ଧିମନ୍ତ। ରାଜଧାନୀ ଭୁବନେଶ୍ୱରରେ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ଶାଖା ପ୍ରତିଷ୍ଠା କରାଗଲେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରିବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ରାଜ୍ୟର ଅନେକ ପ୍ରଖ୍ୟାତ କଳାକାରଙ୍କ କାରିଗରୀ ସ୍ଥାନ

ପାଇବ, ଯାହା ଆଗାମୀ ପିଢ଼ିଙ୍କୁ ରାଜ୍ୟର ପ୍ରାଚୀନ ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିବାରେ ମାର୍ଗଦର୍ଶକ ହେବ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି।

## ପ୍ରସାର ଭାରତୀ ପୁରସ୍କାର

ହକିକୁ ଲୋକପ୍ରିୟ ଓ ପ୍ରଚାର ପ୍ରସାର କରିବା କ୍ଷେତ୍ରରେ ପ୍ରସାରଭାରତୀର ଉଲ୍ଲେଖନୀୟ ଅବଦାନ ପାଇଁ ହକି ଇଣ୍ଡିଆ ତରଫରୁ ପ୍ରସାରଭାରତୀକୁ ୨୦୨୪ ପାଇଁ 'ଜମନ ଲାଲ ଶର୍ମା' ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ହକିର ଶହେ ବର୍ଷ ପୂର୍ତ୍ତି ପାଳନ ଏବଂ ୧୯୭୫ କ୍ୱାଲାଲାମପୁର ବିଶ୍ୱକପ୍ ବିଜୟର ସ୍ମୃତିସ୍ୱରୂପ ସପ୍ତମ ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ର କ୍ରୀଡା ମନ୍ତ୍ରୀ କିରଣ ରିଜିଜୁ ଏବଂ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ରମାକାନ୍ତ ରଥ

ବିଶିଷ୍ଟ ସାରସ୍ୱତ ସାଧକ, ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କର ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଓଡ଼ିଆ ସାହିତ୍ୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସମୃଦ୍ଧ କରାଇବାରେ ଶ୍ରୀ ରଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀରାଧା ଏବଂ ଶ୍ରେଷ୍ଠ କବିତା ସଂକଳନ ବହୁ ପାଠକୀୟ ଆଦୃତି ଲାଭ କରିଛି। ୧୯୭୮ ମସିହାରେ କବିତା ସଂକଳନ 'ସପ୍ତମ ଋତୁ' ପାଇଁ ଶ୍ରୀ ରଥ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ପାଇଥିଲେ। ୧୯୯୨ ମସିହାରେ ସରସ୍ୱତୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ୧୯୯୩ ରୁ ୧୯୯୮ ଯାଏଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଏବଂ  ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ସଭାପତି ଭାବରେ କାର୍ଯ୍ୟ କରିଥିଲେ। ୯୧ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ତାଙ୍କ ବସଭବନରେ ଆଜି ସକାଳେ ଶ୍ରୀ ରଥଙ୍କର ପରଲୋକ ହୋଇଯାଇଛି।

## ନ୍ୟାସନାଲ ଭାକ୍ସିନେସନ ଡେ

ସାର୍ବଜନୀନ ଟିକାକରଣର ଗୁରୁତ୍ୱ ଏବଂ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ଆଜିର ଦିନକୁ ଦେଶରେ ଜାତୀୟ ଟୀକାକରଣ ଦିବସ ପାଳନ କରାଯାଉଛି । ୧୯୯୫ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ପ୍ରଥମ ଥର ପାଇଁ ଦେଶରେ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା। ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି ଟୀକାକରଣ ମାଧ୍ୟମରେ ଶିଶୁଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି।  ସମସ୍ତ ରାଜ୍ୟ ସରକାର ଏବଂ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଅଭିଯାନରେ ସାମିଲ ହେବା ପାଇଁ ମନ୍ତ୍ରୀ ଶ୍ରୀ ନଡ୍ଡା ଆହ୍ୱାନ ଦେଇଛନ୍ତି । ପିଲାମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ୨୦୧୪ ମସିହାରେ 'ମିଶନ ଇନ୍ଦ୍ରଧନୁଷ' ଯୋଜନା କାର୍ଯ୍ୟକାରୀ କରାଯାଇଛି । ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ବ୍ୟାପକ ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି। ଏହା ସହିତ ୨ବର୍ଷରୁ କମ୍ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଟୀକାକରଣ କରିବା ସରକାରଙ୍କ ଲକ୍ଷ୍ୟ ରହିଛି।

## ଜଙ୍ଗଲ ନିଆଁ

ଗ୍ରୀଷ୍ମଋତୁରେ ଜଙ୍ଗଲରେ ଲାଗୁଥିବା ନିଆଁ ଅନେକ ସମୟରେ ମନୁଷ୍ୟକୃତ ହୋଇଥିବାବେଳେ କନ୍ଧମାଳ ଜିଲ୍ଲାର ବନ୍ଧଗଡ଼ ପଞ୍ଚାୟତ ମିଲୁମହା ଗାଁର ଲିପିକା ମଲ୍ଲିକ୍ ଦୀର୍ଘ ୧ କିଲୋମିଟର ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ଲିଭାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ, ଗତକାଲି ଜଙ୍ଗଲରୁ ମହୁଲ ସଂଗ୍ରହ ପାଇଁ କିଛି ଲୋକ ନିଆଁ ଲଗାଇ ଦେଇଥିବାବେଳେ ଏହା ଲିପିକାଙ୍କ ଦୃଷ୍ଟିକୁ ଆସିଥିଲା। ହାତରେ କୌଣସି ସରଞ୍ଜାମ ନଥାଇ ଗଛ ଡାଳକୁ ଭାଙ୍ଗି ସେ ନିଆଁ ଲିଭାଇବା ପାଇଁ ପ୍ରୟାସ କରିଥିଲେ। ଏହି କାର୍ଯ୍ୟରେ ତାଙ୍କ ମାଆ ତାଙ୍କୁ ସହଯୋଗ କରିଥିଲେ।

## ପାଣିପାଗ

ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଚଳିତବର୍ଷର ସର୍ବାଧିକ ତାପମାତ୍ରା ବୌଦ୍ଧରେ ଆଜି ୪୩ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ଝାରସୁଗୁଡ଼ାରେ ୪୨ ଡିଗ୍ରୀ ସେଲସିୟସ୍ ଥିଲା।

ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି, ଅନୁଗୁଳ, ଢ଼େଙ୍କାନାଳ, ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଆସନ୍ତାକାଲି ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।